Largest Circulated Odia Daily
SAMBAD ସମ୍ବାଦ ସର୍ବାଧିକ ପ୍ରଚାରିତ ଓଡିଆ ଦୈନିକ

+2 SC. | KSSC | Vocational | Diploma
MBBS | BDS | Nursing | MBA | MCA
BTech | MTech | Ph.D.
KIIT www.kiit.org

ଏକ ସଙ୍ଗେ ପ୍ରକାଶିତ ଓ ପ୍ରସାରିତ | ଅନୁଗୁଳ | ବାଲେଶ୍ୱର | ଭୁବନେଶ୍ୱର | କଟକ | ବ୍ରହ୍ମପୁର | ଜୟପୁର | ରାଉରକେଲା | ସମ୍ବଲପୁର

ରାଷ୍ଟ୍ରପତି କଲାମଙ୍କ ବିଶାଖାପାଟଣାରେ ନୌବହର ସେନାଙ୍କ ଅଭିବାଦନ ଗ୍ରହଣ, ସୋଏବ ଅଖତର ଦିନିକିଆ ସିର

ତାରିଖ : ୨/୧୨/୨୦୦୬

- ମୁଖ୍ୟ ପୃଷ୍ଠା
- ଜାତୀୟ ଖବର
- ଆନ୍ତର୍ଜାତିକ ଖବର
- କ୍ରୀଡ଼ା ଖବର
- ସଂପାଦକୀୟ
- ମହାନଗର ଖବର
- ସାକ୍ଷାତକାର
- ବିଜ୍ଞାପନ
- ପାଠକୀୟ ମତାମତ
- ସଂସ୍କରଣ ଅଭିଲେଖ
- ଆମ ସଂପର୍କରେ

ପାଣିପାଗ

| ନଗର | ସର୍ବନିମ୍ନ | ସର୍ବୋଚ୍ଚ |
|---|---|---|
| ଭୁବନେଶ୍ୱର | ୧୭.୧ | ୩୦.୫ |
| କଟକ | ୧୫.୦ | ୩୦.୬ |
| ବାଲେଶ୍ୱର | ୧୫.୫ | ୩୨.୬ |
| ଗୋପାଳପୁର | ୧୭.୧ | ୨୯.୨ |
| ଝାରସୁଗୁଡ଼ା | ୧୩.୨ | ୩୨.୦ |

ବିତର୍କ/ମତାମତ ସଂଗ୍ରହ

ହୁସେନଙ୍କ ଚିତ୍ରରେ ହିନ୍ଦୁ ବିରୋଧୀ ମନୋଭାବ ଲୁକ୍କାୟିତ ରହିଛି କି?

- : ହଁ.....
- : ନାହିଁ.....
- : କହିପାରିବେନି....

Vote

# ପୂର୍ଣ୍ଣ ବିବରଣୀ

- ଓଡ଼ିଶାର ନେତାମାନଙ୍କୁ ପ୍ରବାସୀ ଓଡ଼ିଆଙ୍କ ଖୋଲାଚିଠି: କେନ୍ଦ୍ର ଅବହେଳା ବିରୋଧରେ ପାଟି ଖୋଲ

ଭୁବନେଶ୍ୱର, (ଇମିସ): ଓଡିଶା ପ୍ରତି କେନ୍ଦ୍ର ବାରମ୍ବାର ଅବହେଳା କରି ଚାଲିଥିବା ବେଳେ ରାଜନେତାଙ୍କ ଠାରୁ ଜନତା ପର୍ଯ୍ୟନ୍ତ ପାଟି ବନ୍ଦ କରି ବସିଛନ୍ତି । ସ୍ୱାଧୀନତା ପର ଠାରୁ କେନ୍ଦ୍ର ସରକାରଙ୍କ ମାନବ ସମ୍ବଳ ବିକାଶ ମନ୍ତ୍ରାଳୟ ଓଡିଶାକୁ ସବୁଠାରୁ ଅଧିକ ଅବହେଳା କରିଛି । ଯାହାର ଫଳ ସ୍ୱରୂପ ଏଠାରେ କୌଣସି କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ, ଆଇଆଇଟି, ଆଇଆଇଏମ୍, ଆଇଆଇଆଇଟି ଏପର୍ଯ୍ୟନ୍ତ ପ୍ରତିଷ୍ଠା ହୋଇ ପାରି ନାହିଁ । ଭାରତର ରାଷ୍ଟ୍ରପତି, କେନ୍ଦ୍ର ମାନବ ସମ୍ବଳ ମନ୍ତ୍ରୀ ଓ ୟୁଜିସି ଅଧ୍ୟକ୍ଷଙ୍କ ଘୋଷଣା ସତ୍ତ୍ୱେ ଓଡିଶାରେ ପ୍ରତିଷ୍ଠା ହେବାକୁ ଥିବା ଭାରତୀୟ ବିଜ୍ଞାନ ଶିକ୍ଷା ଓ ଗବେଷଣା ସଂସ୍ଥାନ (ଆଇଆଇଏସ୍ଇଆର୍) ବା ଏନ୍ଆଇଏସକୁ ଏହି ମନ୍ତ୍ରାଳୟ ଓଡିଶାରେ ପ୍ରତିଷ୍ଠା ନେଇ ପ୍ରତିବନ୍ଧକ ମଧ୍ୟ ସୃଷ୍ଟି କରିଛି । ଓଡିଶାରେ ଏହି ପ୍ରତିଷ୍ଠାନ ହେବା ବାଂଛନୀୟ ବୋଲି ରାଜ୍ୟର ନେତୃବୃନ୍ଦ କେନ୍ଦ୍ର ନିକଟରେ ଦୃଢ ଯୁକ୍ତି ଉପସ୍ଥାପନ କରି ପାରୁ ନଥିବା ବେଳେ ସୁଦୂର ଯୁକ୍ତରାଷ୍ଟ୍ର ଆମେରିକାର ଆରିଜୋନା ଷ୍ଟେଟ୍ ବିଶ୍ୱବିଦ୍ୟାଳୟର ଓଡିଆ ପ୍ରଫେସର ଚିତ୍ତ ବରାଳ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛନ୍ତି । ସେ ରାଜ୍ୟର ମୁଖ୍ୟମନ୍ତ୍ରୀ, ସମସ୍ତ ସାଂସଦ, କଂଗ୍ରେସ ସମେତ ଅନ୍ୟାନ୍ୟ ଦଳର ରାଜନେତାମାନଙ୍କୁ ଏକ ଖୋଲା ଚିଠି ଦେଇଛନ୍ତି । ସେ ଏହି ଚିଠିରେ କେନ୍ଦ୍ରର ଅବିଚାର ବିରୋଧରେ ଓଡିଆ ସମାଜ ପାଟି ଖୋଲିବାକୁ ଆହ୍ୱାନ ଦେବା ସହିତ କେନ୍ଦ୍ରର ଅବହେଳା ଯୋଗୁଁ ଓଡିଶାର କି' କ୍ଷତି ହୋଇଛି ତାହା ସେ ଚିଠିରେ ବର୍ଣନା କରି ତିନୋଟି ପ୍ରଶ୍ନ ମଧ୍ୟ ପଚାରିଛନ୍ତି । କେନ୍ଦ୍ର ସରକାର ମାନବ ସମ୍ବଳ ବିକାଶ କ୍ଷେତ୍ରରେ ଓଡିଶାରେ ମୁଣ୍ଡପିଛା ସବୁଠୁ କମ୍ ବ୍ୟୟ କରୁଛି କାହିଁକି । ତାଙ୍କର ଦ୍ୱିତୀୟ ପ୍ରଶ୍ନ ହେଲା ଓଡିଶା ଲୋକ ଏଦଗରେ କିଛି କରିପାରୁ ନାହାନ୍ତି କାହିଁକି ଓ ତୃତୀୟ ପ୍ରଶ୍ନ ହେଲା ଆମେ ଏନେଇ କ'ଣ କରି ପାରିବା । ପ୍ରଫେସର ବରାଳଙ୍କ ଅନୁଭୂତି ହେଲା ଦଳମତ ନିର୍ବିଶେଷରେ ଓଡିଶା ସାଂସଦ ରାଜନେତାଙ୍କ ବାରମ୍ବାର ଦାବି ଫଳରେ ଉଭୟ ରେଳ ଓ ଜାତୀୟ ରାଜପଥ କ୍ଷେତ୍ରରେ ରାଜ୍ୟ ବହୁ ଉନ୍ନତି କରିଛି ଓ ଉନ୍ନତି ପଥରେ ଅଗ୍ରସର ହେଉଛି ।

ତାଙ୍କର ଅଭିଯୋଗ ହେଲା କେନ୍ଦ୍ର ମାନବ ସମ୍ବଳ ବିକାଶ ଜାତୀୟ ବ୍ୟବସ୍ଥା (ଏଚ୍ଆର୍ଡି-ଏନ୍ଏଚ୍)ରେ ଓଡିଶା ସଂପୂର୍ଣ ଅବହେଳାର ଶିକାର ହୋଇଛି ା ରାଜ୍ୟରେ ଏପର୍ଯ୍ୟନ୍ତ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ, ଆଇଆଇଟି, ଆଇଆଇଏମ୍, ଆଇଆଇଆଇଟି ଭଳି ଗୁରୁତ୍ୱପୂର୍ଣ ଜାତୀୟ ଶିକ୍ଷା ଅନୁଷ୍ଠାନ ପ୍ରତିଷ୍ଠା କରାଯାଇ ନାହିଁ । ଏସବୁ ଜାତୀୟ ଅନୁଷ୍ଠାନ



ଭୁବନେଶ୍ୱର ନିକୋ ପାର୍କଠାରେ 'ସୁରଭି' ପକ୍ଷରୁ ଆୟୋଜିତ ଏକ ଫେସନ ସୋ'ରେ ମଡ଼େଲମାନେ ।

ଅନ୍ୟାନ୍ୟ ଖବର

- ଅଗ୍ନିକାଣ୍ଡରେ ୪ଶହ ବଖରା ଭସ୍ମୀଭୂତ, କୋଟିଏ ଟଙ୍କାର କ୍ଷତି
- ବିଜେପିର ଅନଶନ ପ୍ରତ୍ୟାହୃତ
- ବାଳିକାକୁ ଧର୍ଷଣ ଅଭିଯୋଗ
- ଇଷ୍ଟରସିଟି ଚଳାଚଳ ଦାବିରେ ରେଳରୋକ ଆନ୍ଦୋଳନ ଦ୍ୱିତୀୟ ଦିନରେ
- ବାଙ୍କୀରେ ବୁଢିଆ, ଜନ୍ମଦିନ କେକ୍ କଟାଗଲା
- ଆଦିବାସୀ ଛାତ୍ରଙ୍କ ଡ୍ରପ୍ଆଉଟ୍ କମୁଛି
- ୬୬ହଜାର ମହିଳା ବିଧବାଭତ୍ତା ଅପେକ୍ଷାରେ
- ଗ୍ରାମ୍ୟ ଗଣିତ ପ୍ରଶିକ୍ଷଣ ଶିବିର ୱୁଞ୍ଜିଲା
- ଉତ୍କଳ ପ୍ରାଦେଶିକ ଭକ୍ତ ସମ୍ମିଳନୀ ୧୨ରୁ
- ୧୨ରେ ଶ୍ୟାମସୁନ୍ଦର ରାଜଗୁରୁଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ
- ଉପଭୋକ୍ତାଙ୍କୁ ଦୃଷ୍ଟିରେ ରଖି ମ୍ୟାନେଜମେଣ୍ଟ ଶିକ୍ଷା ପଦ୍ଧତି ହେବା ଆବଶ୍ୟକ

ବିଶେଷତ୍ୱ ହେଲା ଏଥିରେ କେନ୍ଦ୍ର ଶତ ପ୍ରତିଶତ ବ୍ୟୟ ବହନ କରିଥାଏ ଓ ଏହାର ପ୍ରଭାବରେ ସଂପୃକ୍ତ ରାଜ୍ୟର ବ୍ୟାପକ ବିକାଶ ହୋଇଥାଏ। ଠା କେନ୍ଦ୍ର ସରକାର ଏଚ୍ଆର୍ଡି କ୍ଷେତ୍ରରେ ଓଡ଼ିଶା ପାଇଁ ମୁଣ୍ଡପିଛା ମାତ୍ର ୪.୦୭ ଟଙ୍କା ଖର୍ଚ୍ଚ କରୁଥିବା ବେଳେ ଦିଲ୍ଲୀ ପାଇଁ ୧୭୭.୧୨ ଟଙ୍କା, ଉତ୍ତରାଞ୍ଚଳ ପାଇଁ ୧୦୫.୪୨, ଅରୁଣାଚଳ ପ୍ରଦେଶରେ ୧୦୫, ଆସାମରେ ୭୭.୭, ହିମାଚଳ ପ୍ରଦେଶରେ ୩୩.୭୮, ପଶ୍ଚିମ ବଂଗରେ ୨୮.୧୦, କର୍ଣାଟକରେ ୨୫.୧୨, ତାମିଲନାଡୁରେ ୧୭.୦୯ ଓ ମହାରାଷ୍ଟ୍ରରେ ୧୭.୦୯ ଓ ଉତ୍ତର ପ୍ରଦେଶରେ ୧୭.୦୮, ଝାଡଖଣ୍ଡରେ ୧୬.୨, ଆନ୍ଧ୍ରରେ ୧୬.୦୫, ଜମ୍ମୁ କଶ୍ମୀରରେ୧୪.୫ ଟଙ୍କା ଖର୍ଚ୍ଚ ହେଉଛି। କେବଳ ରାଜସ୍ଥାନ ଓ ବିହାର ଓଡିଶାର ଅଳ୍ପ ପଛରେ ଅଛନ୍ତି। ପ୍ରଫେସର ବରାଳଙ୍କ ଅଭିଯୋଗ ହେଲା ଓଡିଶା ପ୍ରତି କିପରି କେନ୍ଦ୍ର ସରକାର ତଥା ମାନବ ସମ୍ବଳ ବିକାଶ ମନ୍ତ୍ରାଳୟ ପକ୍ଷପାତିତା କରୁଛି, ଓଡିଶାରେ ଅନ୍ଆଇଏସ୍ ପ୍ରତିଷ୍ଠା କରାଇ ନଦେବା ଉଦ ୟମରୁ ତାହା ସ୍ପଷ୍ଟ ହୋଇଛି। ଏହା ପୁନେ, କୋଲକାତା ଓ ଚଣ୍ଡିଗଡରେ ପ୍ରତିଷ୍ଠା ହେଲା ବେଳେ ଓଡିଶା ଏଥିରୁ ବାଦ୍ ପଡିଛି । ଓଡିଶାରେ ଏହା ପ୍ରତିଷ୍ଠା ହେବାରେ ଏବେ ଆଶଙ୍କା ମଧ୍ୟ ଦେଖାଦେଇଛି। ଓଡିଶା ଦାବି ଅଗ୍ରାହ୍ୟ ହୋଇଥିବା ବେଳେ ଇତି ମଧ୍ୟରେ ଏହି ସଂସ୍ଥା ନୂଆ ସ୍ଥାନରେ ଖୋଲିବା ଘୋଷଣା ମଧ୍ୟ ହେଲାଣି। କେନ୍ଦ୍ରର ଏହି ବାରମ୍ବାର ଅବିଚାର ଫଳରେ ଏଚ୍ଆର୍ଡି କ୍ଷେତ୍ରରେ ଓଡିଶା ତୁଳନାରେ ଦିଲ୍ଲୀ ୪୩.୫୨ ଗୁଣ ଓ ଆସାମ ୧୯.୧ ଗୁଣ ଅର୍ଥ ପାଇବାକୁ ସମର୍ଥ ହୋଇଛି। ରାଜ୍ୟ ଘୋର ବିଷମତାର ଶିକାର ହୋଇଛି। ଯାହା ଫଳରେ ଓଡିଶାର ଛାତ୍ର ଦିଲ୍ଲୀ, ମୁମ୍ବାଇ, ବାଙ୍ଗାଲୋର, କୋଲକାତା, ପୁନେ, ଚେନାଇ ଓ ଗୌହାଟୀକୁ ପାଠ ପଢିବାକୁ ଯାଉଛନ୍ତି। ସେମାନଙ୍କ ମଧ୍ୟରୁ ଖୁବ୍ କମ୍ ନିଜ ରାଜ୍ୟକୁ ଫେରୁଛନ୍ତି। ଯେଉଁ ରାଜ୍ୟରେ କେନ୍ଦ୍ରୀୟ ଶିକ୍ଷା ଓ ବୈଷୟିକ ଅନୁଷ୍ଠାନ ରହିଛି, ସେଠାରେ ପ୍ରଫେସର, ଶିକ୍ଷାବିତ୍ ଓ ଗବେଷକ ଠୁଳ ହେଉଛନ୍ତି। ସେହି ରାଜ୍ୟ ବିକାଶରେ ଏମାନଙ୍କର ସହଭାଗିତା ରହୁଛି। ଓଡିଶା ପଛରେ ପଡି ରହିବା କାରଣ ମଧ୍ୟରେ ଏହା ଅନ୍ୟତମ ମୁଖ୍ୟ କାରଣ ବୋଲି ପ୍ରଫେସର ବରାଳ ଚିଠିରେ ଉଲ୍ଲେଖ କରିଛନ୍ତି।

ପୂର୍ବପୃଷ୍ଠା

- ଚଢ଼େଇକୁ କେନ୍ଦ୍ର କରି ହତ୍ୟା, ୮ ଗିରଫ
- ଟିଣା ଗ୍ରାମରୁ ଅଧାପୋଡ଼ା କ୍ଷେପଣାସ୍ତ୍ର ଉଦ୍ଧାର
- ଆଦିବାସୀ ସୁରକ୍ଷା ସମିତି ପକ୍ଷରୁ ତହସିଲ ଅଫିସ ଘେରାଉ

Copyright © 2001 orissasambad.com

Site Developed by : www.wayindia.com